## ସ୍ୱାସ୍ଥ୍ୟ ସେବାର ନଗ୍ନ ଚିତ୍ର

# ମହାରାଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

ବାଲେଶ୍ୱର, ୭।୫ (ରୁଚିକ ରଞ୍ଜନ ମହାପାତ୍ର)




ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ମହାରାଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାର ଯେଉଁ ଦୟନୀୟ ଓ ଲଜ୍ଜାଜନକ ଚିତ୍ର ଦେଖିବାକୁ ମିଳିଛି । ଡାକ୍ତରଖାନା ରହିଛି, ଘର ରହିଛି, ବୋର୍ଡ ରହିଛି, କିନ୍ତୁ ନାହାନ୍ତି ଫାର୍ମାସିଷ୍ଟ । ଫଳରେ ମେଡିକାଲରେ ଝୁଲୁଛି ତାଲା ଓ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମସ୍ୟା ଦିନେ କି ମାସେ ନୁହେଁ । ୨୦୨୧ ମସିହାରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଫାର୍ମାସିଷ୍ଟ ନିଯୁକ୍ତ ହୋଇନାହାନ୍ତି । ଫଳରେ ଖୋଲିବା ଦିନରୁ ହିଁ ମେଡିକାଲ ସେବା ଅଚଳ ହୋଇପଡ଼ିଛି । ସରକାର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଡାକ୍ତରଖାନା ଖୋଲିଥିଲେ ମଧ୍ୟ ଔଷଧ ବଣ୍ଟନ ପାଇଁ ଜଣେ ଫାର୍ମାସିଷ୍ଟ ନିଯୁକ୍ତ କରିପାରିନଥିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ଚରମ ଅପାରଗତା ଓ ଅବହେଳାକୁ ପଦାରେ ପକାଇଛି ।

ମହାରାଜପୁର ପଞ୍ଚାୟତ ସହ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ପୂର୍ବରୁ ବାହାନଗା ବ୍ଲକର ଖନ୍ତାପଡ଼ା ଓ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ । ଖରା, ବର୍ଷା କିମ୍ବା ଜରୁରୀ ପରିସ୍ଥିତିରେ ଲୋକମାନେ ଚିକିତ୍ସା ପାଇଁ ଦୂର ଦୂରାନ୍ତକୁ ଦୌଡ଼ିବାକୁ ବାଧ୍ୟ ହେଉଥିଲେ । ଏହି ସମସ୍ୟାକୁ ଆଖିଆଗରେ ରଖି ସରକାର ୨୦୨୧ ଜୁଲାଇ ୮ ତାରିଖରେ ମହାରାଜପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ । ମେଡିକାଲ ଖୋଲିବା ପରେ ସ୍ଥାନୀୟ ଲୋକଙ୍କ ମନରେ ଆଶା ଜାଗିଥିଲା ଯେ ଏବେ ନିଜ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ମିଳିବ । କିନ୍ତୁ ସେହି ଆଶା କେବଳ କାଗଜ କଲମରେ ସୀମିତ ରହିଗଲା । ୨ ଜଣ ଡାକ୍ତର ନିଯୁକ୍ତ ହେଲେ, ହେଲେ ଫାର୍ମାସିଷ୍ଟ ନଥିବାରୁ ରୋଗୀଙ୍କୁ ଔଷଧ ମିଳିବା ଅସମ୍ଭବ ହୋଇପଡ଼ିଲା । ଶେଷରେ ଡାକ୍ତରଖାନାରେ ଝୁଲିଲା ତାଲା । ବର୍ତ୍ତମାନ ଧର୍ମକୁ ଆଖିଠାର ସଦୃଶ କେବଳ ସୋମବାର ଓ ଗୁରୁବାର ଦୁଇ ଦିନ ଡାକ୍ତରଖାନା ଖୋଲୁଥିବା ବେଳେ ବାକି ଦିନ ତାଲା ପଡ଼ିରହୁଛି । ଏଠାରେ ନିଯୁକ୍ତ ଡାକ୍ତର ସୁଶ୍ରୀ ସଙ୍ଗୀତା ଦହରାଙ୍କୁ ବେଦୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟି ପାଇଁ ପଠାଯାଉଥିବାରୁ ମହାରାଜପୁର ମେଡିକାଲ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇପଡ଼ିଛି । ଦୀର୍ଘ ୫ ବର୍ଷ ଧରି ଏଭଳି ଅବ୍ୟବସ୍ଥା ଚାଲିଥିଲେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ସିଡିଏମଓ କାର୍ଯ୍ୟାଳୟ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । ଲୋକଙ୍କ ସ୍ୱାସ୍ଥ୍ୟ ସହ ଏଭଳି ଖେଳ ଖେଳାଯାଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି । ସରକାରୀ ବ୍ୟବସ୍ଥାର ଏହି ଚରମ ବିଫଳତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଜନାକ୍ରୋଶ ବଢ଼ିବାରେ ଲାଗିଛି । ତୁରନ୍ତ ମହାରାଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଫାର୍ମାସିଷ୍ଟ ନିଯୁକ୍ତ କରି ପ୍ରତିଦିନ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି ।

- ୫ ବର୍ଷ ଧରି ଫାର୍ମାସିଷ୍ଟ ନଥିବାରୁ ସ୍ୱାସ୍ଥ୍ୟସେବା ଠପ୍
- ସିଡିଏମଓଙ୍କ ସ୍ଥାଣୁତାକୁ ନେଇ ତେଜୁଛି ଜନ ଅସନ୍ତୋଷ

### ମତାମତ

ମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତର ଥିବା ସ୍ଥଳେ ଫାର୍ମାସିଷ୍ଟ ନଥିବା କାରଣରୁ ବର୍ଷ ବର୍ଷ ଧରି ମେଡ଼ିକାଲରେ ତାଲା ପଡୁଛି, ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ସମିତି ବୈଠକରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସ୍ଥାନୀୟ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଫାର୍ମାସିଷ୍ଟ ନିଯୁକ୍ତ କରାଯାଇ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଦାବି କରୁଛି ।

**ଶରତ ଚନ୍ଦ୍ର ପାଣି**, ସରପଞ୍ଚ, ମହାରାଜପୁର ପଞ୍ଚାୟତ

ମେଡ଼ିକାଲ ଖୋଲିବା ଦିନଠୁଁ ମହାରାଜପୁରରେ ଏଭଳି ସମସ୍ୟା ଲାଗି ରହିଛି, ଫାର୍ମାସିଷ୍ଟ ନଥିବାରୁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଯାଇ ପାରୁନାହିଁ, ସପ୍ତାହରେ ସୋମବାର ଏବଂ ଗୁରୁବାର ଅନ୍ୟ ସ୍ଥାନରୁ ଫାର୍ମାସିଷ୍ଟ ନେଇ ମେଡିକାଲ ଖୋଲା ଯାଉଛି । ଏ ବାବଦରେ ସମସ୍ତେ ଜାଣିଛନ୍ତି, ଫାର୍ମାସିଷ୍ଟ ନିଯୁକ୍ତ ହେଲେ ସେଠାରେ ଲୋକଙ୍କୁ ସବୁଦିନ ସ୍ୱାସ୍ଥ୍ୟସେବା ମିଳି ପାରିବ ।

**ଡା. ରାମଚନ୍ଦ୍ର କିସ୍କୁ**, ରେମୁଣା ଗୋଷ୍ଠୀ ଚିକିତ୍ସାଧିକାରୀ

କର୍ମଚାରୀଙ୍କ ଅଭାବ ଯୋଗୁଁ ସମସ୍ୟା ଉପୁଜୁଛି, ନିକଟସ୍ଥ ମେଡ଼ିକାଲର କର୍ମଚାରୀଙ୍କ ମାଧ୍ୟମରେ ମହାରାଜପୁରରେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଧ୍ୟାନଦେଇ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।

**ଡା. ଅମୁଲ୍ୟ କୁମାର ଦାସ**, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବାଲେଶ୍ୱର

## ବାଲେଶ୍ୱରରେ ବଜ୍ରପାତ ଓ ବର୍ଷା ସମ୍ଭାବନା

ବାଲେଶ୍ୱର, ୭।୫ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ଆଜି ସର୍ବାଧିକ ତାପମାତ୍ରା ୩୬.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିପରି ଗତ ୨୪ ଘଣ୍ଟାରେ ଜିଲ୍ଲାରେ ୪.୨ ମିମି ବର୍ଷା ହୋଇଛି । ପାଣିପାଗ ବିଭାଗ ପୂର୍ବରୁ ଜାରି କରିଥିବା ବୁଲେଟିନ୍ ଅନୁଯାୟୀ, ଆସନ୍ତା ୨ ଦିନ ବାଲେଶ୍ୱରରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଜିଲ୍ଲାକୁ ହଳଦିଆ ଚେତାବନୀ ଜାରି କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦-୪୦ କିମି ପର୍ଯ୍ୟନ୍ତ ରହିପାରେ । ବଜ୍ରପାତ ସମୟରେ ବାହାରକୁ ନ ବାହାରିବା ଓ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି । ଆଗାମୀ ପାଣିପାଗ ପୂର୍ବାନୁମାନ ଅନୁସାରେ, ଗୁରୁବାର ଦିନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହୋଇଥିଲା । ଏଥିସହ ଘଣ୍ଟା ପ୍ରତି ପ୍ରାୟ ୪୦-୫୦ କିମି ବେଗରେ ପବନ ବହିଥିଲା । ସେହିପରି ଆସନ୍ତାକାଲି କାଲି ଅର୍ଥାତ ୮ ତାରିଖ ଶୁକ୍ରବାର ବାଲେଶ୍ୱରରେ ପୁଣି ଥରେ ବଜ୍ରପାତ ସହ ବର୍ଷା ହେବ । ପବନର ବେଗ ଘଣ୍ଟା ପ୍ରତି ୩୦-୪୦ କିମି ରହିବ । ପାଣିପାଗ ବିଭାଗର ପରାମର୍ଶ ଅନୁସାରେ ବଜ୍ରପାତ ସମୟରେ ବାହାରକୁ ନ ବାହାରିବା, ଗଛ ତଳେ ଓ ଖୋଲା ଜାଗାରେ ନ ରହିବା ପାଇଁ ପରାମର୍ଶ ଦିଆଯାଇଛି । କୃଷକମାନଙ୍କୁ ଅମଳ ଫସଲ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବିଶ୍ୱବିଦ୍ୟାଳୟ ଟପ୍ପର ସମ୍ବର୍ଦ୍ଧିତ



ଖଇରା, ୭।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଛାତ୍ରୀ କାଜଲ ଜେନା ପ୍ରାଣିବିଜ୍ଞାନ ବିଷୟରେ ଟପ୍ପର ହେବା ପରେ ତାଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟିଛି । ଗୁରୁବାର ଭାରତୀୟ ଜନତା ପାର୍ଟିର କୁପାରୀ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରିତିଶ ମହାପାତ୍ର ନିଜ ଟିମ ସହ ତାଙ୍କ ବାସଭବନକୁ ଯାଇ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ଯତ୍‌କିଞ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବିଜେପିର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରତୀକ ଦକ୍ଷିଣରାୟ, ସ୍ମୃତିରଞ୍ଜନ ମହାପାତ୍ର, ରଞ୍ଜନ ଶଙ୍ଖୁଆ ଓ କୈଳାସ ମାଝୀ ଉପସ୍ଥିତ ଥିଲେ । ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିବା କାଜଲଙ୍କୁ ମଧ୍ୟ ଆଗକୁ ସହାୟତା ଜାରିରଖିବେ ବୋଲି ପ୍ରିତିଶ କହିଛନ୍ତି ।

## ● ବାଲେଶ୍ୱରରେ ଓଏଚଇ ତାର କ୍ଷତିଗ୍ରସ୍ତ

## ପାଣ୍ଟୋ ଭାଙ୍ଗିବାରୁ ଟ୍ରେନ୍ ଚଳାଚଳ ପ୍ରଭାବିତ

ବାଲେଶ୍ୱର, ୭।୫ (ସମିସ): ନୀଳଗିରି ରୋଡ୍ ଷ୍ଟେସନ ନିକଟରେ ଓଭରହେଡ୍ ଇଲେକ୍ଟ୍ରିକ୍ ଲାଇନ କ୍ଷତିଗ୍ରସ୍ତ ହେବା ଯୋଗୁଁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୩ ଘଟିକା ୩୦ ରେ ଟ୍ରେନ୍ ଲୋକୋ ପାଇଲଟ ଜଣାଇଛନ୍ତି ଯେ ଡାଉନ୍ ଲାଇନର ୨୩୯/୨୬-୨୪ କିମି ନିକଟରେ ଓଏଚଇର ସପୋର୍ଟିଂ ରଡ୍ କ୍ଷତିଗ୍ରସ୍ତ ହୋଇ ଝୁଲୁଛି । ଏହାପୂର୍ବରୁ ଅପରାହ୍ନ ୩ ଟା ୨ରେ ଟ୍ରେନ୍ ନମ୍ବର ୧୨୮୧୫ ନୀଳଗିରି ରୋଡ୍ ଅତିକ୍ରମ କରିଥିଲା । ପରେ ୨୩୫/୧୪ କିମି ନିକଟରେ ଲୋକୋ ନମ୍ବର ୩୦୮୦୮/ଏଲଡିଏଚର ପାଣ୍ଟୋ ଭାଙ୍ଗି ଯିବାରୁ ଟ୍ରେନ୍ ସେଠାରେ ଅଟକି ଯାଇଥିଲା । ଏହି ଘଟଣା ଯୋଗୁଁ ୧୨୮୬୪, ୨୨୬୦୬, ୨୦୬୧୦ ସମେତ ପ୍ରାୟ ୧୦ଟି ମାଲବାହୀ ଟ୍ରେନ୍ ବିଭିନ୍ନ ସ୍ଥାନରେ ଅଟକି ରହିଥିଲା । ମରାମତି ପାଇଁ ବାଲେଶ୍ୱରୁ ଟାୱାର ୱାଗନ୍ ଅପରାହ୍ନ ୪ ଟା ୪ମିନିଟରେ ନୀଳଗିରି ରୋଡ୍ ଅଭିମୁଖେ ବାହାରି ସାରିଥିଲେ । ରେଳ କର୍ତ୍ତୃପକ୍ଷ ମରାମତି କାମରେ ଲାଗିଛନ୍ତି । ସନ୍ଧ୍ୟା ୬ ଟା ୭ ମିନିଟରେ ଲାଇନ୍ ଚାର୍ଜ ହେବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି । ମରାମତି ପାଇଁ ବାଲେଶ୍ୱରୁ ଟାୱାର ୱାଗନ୍ ପଠାଯାଇଥିଲା । ପ୍ରାୟ ୩ ଘଣ୍ଟାର ମରାମତି ପରେ ଲାଇନ୍ ସ୍ୱାଭାବିକ ହୋଇଥିବା ରେଳ ଅଧିକାରୀ କହିଛନ୍ତି ।

# ୬ଷ୍ଠ ଦୁଧହଂସା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର/ବସ୍ତା, ୭।୫(ସମିସ): ଜୟପୁର ଓ ଦୁଧହଂସା ଠାରେ ଆମ ଗାଁ ଚେରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ବୈଶାଖୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ଆଡିସନାଲ୍ ଏସପି ମାନସ କୁମାର ଦେଓ ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଟ୍ରଷ୍ଟର ଚେୟାରମେନ୍ ତଥା ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପ୍ରତିଷ୍ଠାତା ଡ. ଘନଶ୍ୟାମ ବିଶ୍ୱାଳ କାର୍ଯ୍ୟକ୍ରମରେ ପୌରାହିତ୍ୟ କରି ଟ୍ରଷ୍ଟର ବିବିଧ ଲୋକାଭିମୁଖୀ କାର୍ଯ୍ୟକ୍ରମ ବାବଦରେ ସ୍ପଷ୍ଟ କରିଥିଲେ । ମହୋତ୍ସବ ଉଦଘାଟନ ପରେ ଗ୍ରାମର ଇଷ୍ଟ ଦେବଦେବୀ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ଘଟ ଉତ୍ତୋଳନ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା ବେଳେ ମହୋତ୍ସବର ୨ୟ ସନ୍ଧ୍ୟାରେ ଓଡ଼ିଶାର ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କର ସାମାଜିକ ଓ ଆଧ୍ୟାତ୍ମିକ ଚେତନାଧର୍ମୀ ପ୍ରବଚନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମୋହିତ କରିଥିଲା । ଆୟୋଜିତ ଉଦଘାଟନ ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଯୁବନେତା ତଥା ଶିଳ୍ପଦ୍ୟୋଗୀ ବିକାଶ କୁମାର ପାଢ଼ୀ, ସମାଜସେବୀ ଓ ଶିଳ୍ପଦ୍ୟୋଗୀ ସୁମନ୍ତ କୁମାର ଜେନା, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା, ଦୁଧହଂସା ପଞ୍ଚାୟତର ସରପଞ୍ଚ ବନିତା ରାଉତ, ସୁଲଗ୍ନା ଯୁକ୍ତ ତିନି ସାଇନ୍ସ ଡିଗ୍ରୀ କଲେଜର ପ୍ରିନସିପାଲ ଡ଼ ଧରଣୀଧର ଘୋଷ, ଏବଂ ଶିକ୍ଷାବିତ୍ ଲମ୍ବୋଧର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲାବେଳେ ଟ୍ରଷ୍ଟର ସଭାପତି ପୁରୁଷୋତ୍ତମ ଆଚାର୍ଯ୍ୟ, ସମ୍ପାଦକ ହରେକୃଷ୍ଣ ବେହେରା, କମିଟି ମୁଖ୍ୟ ମନୋରଞ୍ଜନ ବିଶ୍ୱାଳ ଓ ଗୌରାଙ୍ଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମାଜସେବୀ ବିକାଶ କୁମାର ପାଢ଼ୀ, ବିଡିଓ ଡ଼ ଲଲାଟେନ୍ଦୁ କେଶରୀ ଦାସ ଏବଂ ବରିଷ୍ଠ ସାମ୍ବାଦିକ ଭରତ ଚନ୍ଦ୍ର ଦାସଙ୍କୁ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା,



ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ମହୋତ୍ସବ ଅବସରରେ ଦୁଧହଂସା ପଞ୍ଚାୟତର ୭୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଆୟୋଜିତ ଲିମନ୍ ରେସ୍ ପ୍ରତିଯୋଗୀତାରେ ମାଆ ବ୍ରହ୍ମଣୀ ଏସଏସଜି ଗ୍ରୁପର ଲକ୍ଷ୍ମୀପ୍ରିୟା ରାଉତ ପ୍ରଥମ, ବଡ଼ମ୍ ଠାକୁରାଣୀ ଏସଏସଜି ଗ୍ରୁପର ପ୍ରତିମା ଜେନା ଦ୍ୱିତୀୟ ଓ ମାଆ ଅମ୍ବିକା ଏସଏସଜି ଗ୍ରୁପର ଦମୟନ୍ତୀ ରାଉଳ ତୃତୀୟ ସ୍ଥାନ ଅଧିକାର କରି ମହୋତ୍ସବ ମଞ୍ଚରେ ଅର୍ଥରାଶି, ଉତ୍ତରୀୟ ଓ ମାନପତ୍ର ଗ୍ରହଣ କରିଥିଲେ । ଗ୍ରୁପର ଅନ୍ୟ ସଦସ୍ୟାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଗାମୀ ନଅ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ।

## ଅଗଷ୍ଟ ୨୧ରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ ସମାଧାନ ସମାରୋହ

ବାଲେଶ୍ୱର, ୭।୫ (ସମିସ): ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ 'ସମାଧାନ ସମାରୋହ' ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ ଅନୁଷ୍ଠିତ ହେବ । ଉପରୋକ୍ତ ସାମାଧାନ ସମାରୋହରେ ବୈବାହିକ ବିବାଦ, ମୋଟରଯାନ ଜନିତ ଦୁର୍ଘଟଣା ମାମଲା, ଚେକ୍ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଶ୍ରମ ବିବାଦ, ଆପୋଷ ସ୍ୱହମତିରେ ସମାଧାନ ଯୋଗ୍ୟ ଅନ୍ୟାନ୍ୟ ଉପଯୁକ୍ତ ମାମଲାର ସମାଧାନ କରାଯିବ । ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସମ୍ମୁଖ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ଧାଁଅ ଧାଁଅ ହେ ଶ୍ରୀଦେବ' କାର୍ଯ୍ୟକ୍ରମ



ବାଲେଶ୍ୱର, ୭।୫(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ଧାଁଅ ଧାଁଅ ହେ ଶ୍ରୀଦେବ' କାର୍ଯ୍ୟକ୍ରମ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ଗାଳ୍ପିକ ନିବାରଣ ଜେନା କବିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିବା ବେଳେ କବି ପ୍ରଶାନ୍ତ ଦାସ ତାଙ୍କ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଶ୍ରୀଦେବଙ୍କ ସାରସ୍ୱତ ସାଧନାର ଦୀର୍ଘ ଓ ସଫଳ ଯାତ୍ରା ସମ୍ପର୍କରେ କବି ଦୀପକ ବୋଷ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନ ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଏକ କ୍ଷୁଦ୍ର ନାଟିକାରେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଓ ଜୁମରନାଥ ପାତ୍ର ଜୀବନ୍ତ ଅଭିନୟ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ନାଟକରେ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିବା ବେଳେ ପ୍ରଫୁଲ୍ଲ କୁମାର ମହାପାତ୍ର ସ୍ମାରକ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ କବି ଶ୍ରୀଦେବ ଓ କବି ପତ୍ନୀ ବିପାଶାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା କବିତାରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଡ. ଶିରୀଶଚନ୍ଦ୍ର ଜେନା, ନିରଞ୍ଜନ ରାଉତ, ତପନ ରାୟ, ଡ. ରମାକାନ୍ତ ନାୟକ, ଅଞ୍ଜଳି ପଣ୍ଡା, ଗଗନ ଦଳେଇ, ପଦ୍ମଲୋଚନ ପ୍ରଧାନ, ଡ. ହେମମାଳା ଦାଶ, କମଳିନୀ ଦାସ, ହେମେନ୍ଦ୍ର ମହାପାତ୍ର, ଜୟନ୍ତୀ ବେହେରା, ଡ. ଅଶ୍ୱିନୀ କୁମାର ଶତପଥୀ, ରମାକାନ୍ତ ମହାନ୍ତି, ବେଣୁଧର ସାହୁ, ଅର୍ଚ୍ଚନା କର, ଉର୍ମିଳା ନାୟକ, ସ୍ମୃତି ଦାସ, ମମତା ମହାନ୍ତି, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଦିଲ୍ଲୀପ ଚକ୍ରବର୍ତ୍ତୀ, ପଦ୍ମଲୋଚନ ଦତ୍ତ, ପ୍ରଭାକର ସାହୁ, କରୁଣାକର ସ, ମାମିନା ମହାପାତ୍ର, ଗୀତାଞ୍ଜଳି ଶତପଥୀ, ମହେନ୍ଦ୍ର ପୃଥାଳ, ତପନ କୁମାର ପଣ୍ଡା, ମଧୁସୂଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନବ ପଦାଧିକାରୀଙ୍କୁ ବାଲେଶ୍ୱର ବିଜେଡିର ସମ୍ବର୍ଦ୍ଧନା

ବାଲେଶ୍ୱର, ୭।୫(ସମିସ)




ବାଲେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ହୋଟେଲ ଫାଣ୍ଟାସି ଠାରେ ବିଜୁ ଜନତା ଦଳର ନବ ଦାୟିତ୍ୱ ପାଇଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦଳର ସମସ୍ତ ନେତୃତ୍ୱ, କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ରହି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଥିବା ବାଲେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ତଥା ସୋର ବିଧାୟକ ମାଧବ ଧଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମାନ ଭାବେ ପ୍ରାରମ୍ଭିକ ତାଲିକାରେ ଦାୟିତ୍ୱ ମିଳିଥିବା ରାଜ୍ୟ ଉପସଭାପତି ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବିଧାୟକ ପ୍ରାର୍ଥୀନୀ ବିଦୁସ୍ମିତା ମହାଲିକ ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଥମେ ସମସ୍ତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଆୟୋଜିତ ସଭାରେ ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ଗୁଣଗାଣ କରିବା ସହ ଦଳକୁ କେଉଁଭଳି ଭାବେ ଅଧିକ ସଶକ୍ତ କରିହେବ ସେନେଇ ଆଲୋଚନା କରିଥିଲେ । ସଭା ପୂର୍ବରୁ ଫାଣ୍ଡି ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏବେ ଠାରୁ ବିଜେଡି ନିଜର ଲଢେଇକୁ ବାଲେଶ୍ୱର ଜିଲ୍ଲାରେ ଜୋରଦାର କରିବ ଏବଂ ବିଜେଡି ୱାର୍ଡ ତଥା ବୁଥ୍ ସ୍ତରରେ ପହଞ୍ଚିବ । ଏଥିସହ ବିଜେପିର ଛଳତନ୍ତ୍ର ବିରୋଧରେ ବଡ଼ ଲଢେଇ କରିବାକୁ ନେତୃତ୍ୱମାନେ ଆହ୍ୱାନ ଜଣାଇଥିଲେ । ଏଥିପାଇଁ ଜନତାଙ୍କ ସ୍ୱାର୍ଥ ପାଇଁ ବିଧାନସଭା ଭିତରେ ଏବଂ ବାହାରେ ଦଳ ଲଢେଇକୁ ଜୋରଦାର କରିବ ବୋଲି ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସାଧାରଣ ସମ୍ପାଦକ ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏସକେ ଏହେସାନ, ରେମୁଣା ବ୍ଲକ ରାଜେନ୍ଦ୍ର ରାଉତ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ସଦର ବ୍ଲକ ସଭାପତି ବାସନ୍ତ ପଣ୍ଡା, ଜିଲ୍ଲାର ସମସ୍ତ ପୌରପାଳିକା ଓ ଏନଏସିର ପୌରାଧ୍ୟକ୍ଷ, ପୌରଉପାଧ୍ୟକ୍ଷ, ସମସ୍ତ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ୱାର୍ଡ କାଉନସିଲର, ମହିଳା, ଯୁବ-ଛାତ୍ର ଜନତାର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱର ଟାଉନର ସଞ୍ଜୟ ବେହେରା, ରୀତିକ ଜୀ, କାର୍ତ୍ତିକ ସାହୁ, ସେକ ଆୟୁବ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଯୁବନେତା ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

- ୱାର୍ଡ ସ୍ତରରେ ପହଞ୍ଚିବ ବିଜେଡି
- ଛଳତନ୍ତ୍ର ବିରୋଧରେ ବଡ଼ ଲଢେଇ

## ଧରାପଡୁନାହାନ୍ତି ଲୁଟେରା, ଶାନ୍ତିରେ ଶୋଇ ପାରୁନାହାନ୍ତି ଖଇରାବାସୀ

ଖଇରା, ୭।୫ (ସମିସ): ବାଲେଶ୍ୱର ଜିଲା ଖଇରା ଥାନାରେ କ୍ରମାଗତ ଭାବେ ସଶସ୍ତ୍ର ଲୁଟ ଓ ଚୋରି ଘଟଣା ଘଟିଚାଲିଥିବା ବେଳେ ଜଣେ ହେଲେ ଅଭିଯୁକ୍ତ ଧରାପଡୁନଥିବାରୁ ଏବେ ଖଇରାବାସୀ ଟିକେ ଶାନ୍ତିରେ ଶୋଇ ପାରୁନାହାଁନ୍ତି । ଏଭଳିକି ଖଇରା ଥାନା ଠାରୁ ୧୫୦ମିଟର ଦୂର ଆଳଦା ବାଲିସାହି ରାସ୍ତାରେ ବନ୍ଧୁକ ଫଟାଇ ଅଳଙ୍କାର ଲୁଟ ଘଟଣାକୁ ୪ଦିନ ପୁରିଥିଲେ ହେଁ ଏ ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ନିକଟରେ ପହଞ୍ଚି ପାରୁନଥିବାରୁ ସର୍ବସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଖଇରାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ବେଳେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଚୋରୀ ଓ ଲୁଟର ଶିକାର ହେଉଥିବା ସାଧାରଣ ଜନତାଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବାକୁ ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହୋଇଛି । ୩ତାରିଖ ରାତିରେ ଗହଣା ବଜାରସ୍ଥିତ ରୁଦ୍ରକାନ୍ତ ଜୁଏଲାରୀ ମାଲିକ ରାମଚନ୍ଦ୍ର ସାହୁ ଦୋକାନ ବନ୍ଦ କରି ପୁଅଙ୍କ ସହିତ ଗହଣାଥିବା ବ୍ୟାଗଧରି ୨ଶହ ମିଟର ଦୁରତ୍ୱ ଆଳଦା ବାଲିସାହି ଘରକୁ ଯାଉଥିଲେ । ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟ ନିକଟରେ ୨ବାଇକରେ ୪ଜଣ ଲୁଟେରା ରାମଚନ୍ଦ୍ର ଓ ତାଙ୍କ ପୁଅକୁ ଅଟକାଇ ୨ରାଉଣ୍ଡ ଗୁଳି ଚଳାଇ ପ୍ରାୟ ୩୦ଲକ୍ଷ ଟଙ୍କାର ଗହଣା ଲୁଟି ନେଇଥିଲେ । ୪ତାରିଖରେ ସନ୍ଧାନୀ କୁକୁର ସହ ଜିଲା ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ ହେଁ ତାଙ୍କୁ କୌଣସୀ ସୁରାକ ମିଳିନଥିଲା । ପୂର୍ବରୁ ୨୯ ତାରିଖ ରାତିରେ ନୟାଖଣ୍ଡି ପଞ୍ଚାୟତ ଆମ୍ବଗଡ଼ିଆ ଗ୍ରାମର ଶିକ୍ଷକ ସୁକାନ୍ତ ଜେନାଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତମାନେ ୫ଟି କୋଠରୀ ଓ ଆଲମିରା ତାଲା ଭାଙ୍ଗି ସୁନାରୂପା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ । ଦେବଗଡ଼ରେ ଶିକ୍ଷକତା କରୁଥିବା ସୁକାନ୍ତ ଓ ତାଙ୍କ ସ୍ତ୍ରୀ ଖବରପାଇ ଘରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ ହେଁ ତଦନ୍ତ କେବଳ ମାମଲା ରୁଜୁରେ ସୀମିତ ରହିଛି । ତାର ୫ଦିନ ପୂର୍ବରୁ ଅର୍ଥାତ୍ ୨୪ତାରିଖ ରାତିରେ ସାରୁଗାଁର ମନୋରଞ୍ଜନ ନାୟକ ଓ ଚୈତା ଗାହାଣଙ୍କ ପରିବାର ଗାଁରେ ଚାଲୁଥିବା ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୃର୍ବୃତ୍ତମାନେ ଘରେ ପଶି କଳାକନା ବୁଲାଇ ଦେଇ ଫେରାର ହୋଇ ଯାଇଥିଲେ ଏ ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ଟେର ପାଉନଥିବା କୁହାଯାଉଛି । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରେ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା କହିଛନ୍ତି ।

## ଭେଲୋରା ବାବା ଖଇରେଶ୍ୱରଙ୍କ ଚଡ଼କ ଯାତ୍ରା ଉଦ୍‌ଯାପିତ

ରାଜଘାଟ, ୭।୫(ସମିସ): ବସ୍ତା ବ୍ଲକ ଭେଲୋରା ଗ୍ରାମରେ ଚଉଦ ଦିନ ଧରି ଚାଲିଥିବା ଚଡକ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଭେଲୋରା ଗ୍ରାମର ଶ୍ରୀଶ୍ରୀ ବାବା ଖଇରେଶ୍ୱରଙ୍କ ଶୈବପୀଠରେ ପାଖାପାଖି ୧୬ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ପର୍ବ ଗତ ୨୪ ତାରିଖରୁ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ



ଚଉଦ ଦିନ ପାଇଁ ଉକ୍ତ ପର୍ବ ପାଳିତ ହୋଇଯାଇଛି । ଗତ ଶନିବାର ପାଟଭକ୍ତା ପର୍ଶୁରାମ ସାହୁଙ୍କ ସମେତ ଗ୍ରାମର ତେର ଜଣ ଭକ୍ତା ସୁବର୍ଣ୍ଣରେଖା ନଦୀର ରାମଚନ୍ଦ୍ରପୁର ଘାଟରୁ ପାଣି ଧରି ବିରାଟ ପଟୁଆରରେ ଘଣ୍ଟ, ଝାଲି ଓ ମୃଦଙ୍ଗର ତାଳେ ତାଳେ ଉପବୀତ ଧାରଣ କରି ଗ୍ରାମ ପରିକ୍ରମା କରି ଶୋଭାଯାତ୍ରାରେ ଆସି ଭୋରରୁ ମନ୍ଦିରରେ ଆସି ପହଞ୍ଚିଥିଲେ । ରବିବାର ଦିନ ଗଡ଼ାପାଟ ପର୍ବ ଅନୁଷ୍ଠିତ ହୋଇଥିଲା । ଭକ୍ତା ମାନେ ସୁବର୍ଣ୍ଣରେଖା ନଦୀ ଠାରୁ ଗଡ଼ି ଗଡ଼ି ଆସି ଗ୍ରାମ୍ୟ ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ । ସେଦିନ କାମିନୀ ବିବାହ ଅନୁଷ୍ଠିତ ହୋଇଥିଲା । ଭକ୍ତା ମାନେ ଥମ୍ବିକାଠକୁ ଗ୍ରାମ ପୋଖରୀରୁ କାନ୍ଧରେ ବୋହି ମନ୍ଦିର ପରିକ୍ରମା କରିଥିଲେ । ସୋମବାର ଦିନ ସଖୀ ନାଚ, ମଙ୍ଗଳବାର ସଖୀ ନିଆଁ ଖିଆ, ବୁଧବାର ନୀଳ ଉପବାସ ଓ ନିଆଁପାଟ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଆଜି ଗୁରୁବାର ସନ୍ଧ୍ୟାରେ ଉଡାପାଟ କାର୍ଯ୍ୟକ୍ରମ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲା ସହିତ ପଡୋଶୀ ପଶ୍ଚିମବଙ୍ଗରୁ ପାଖାପାଖି ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଏହି ଅବସରରେ ମେଳା ଓ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ଦାସ, କମିଟିର ସଭାପତି ଗଜେନ୍ଦ୍ର ଜେନା, ଉପସଭାପତି ହରିହର ସେନାପତି, ସମ୍ପାଦକ ଜୟନ୍ତ ଭଦ୍ର, ସହ ସମ୍ପାଦକ ସପନ କୁମାର ବାଗ, କୋଷାଧ୍ୟକ୍ଷ ରତିକାନ୍ତ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।



